# କୁଚିଣ୍ଡା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ବୃକ୍ଷରୋପଣ

କୁଚିଣ୍ଡା, ୨।୭ (ଇମିସ): ମଙ୍ଗଳବାର କୁଚିଣ୍ଡା ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କୁଚିଣ୍ଡା ଉପ ଜିଲ୍ଲାପାଳ ହେମାସାଗର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସୁମନ୍ତ ପଟେଲ, ରାଜନୀତି ବିଭାଗ ମୁଖ୍ୟ ସୁଧାଂଶୁ ମହାପାତ୍ର, ସୁରଥ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟର ଇତିହାସ ତଥା କୃତିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରମୋଦ ସ୍ୱାଇଁ, ପ୍ରମୋଦ ରଞ୍ଜନ ଦାସ,



ପ୍ରଭାସ ଦାସ, ରୋଶନ୍ କୁଲ୍ଲୁ, ଦେବଦତ୍ତ ଭୋଇ, ଭିକାରୀ ଓରାମ, ଦିବ୍ୟ ନାଗ, ସାର୍ଥକ ମିଶ୍ର, କାହ୍ନୁଚରଣ ମୁଣ୍ଡା, ଅଧ୍ୟାପିକା ଡ. ମେନକା ନାଏକ, ଦେଓଲା ମାଝୀ, ରିତୁପ୍ରିୟା ନାଏକ, ଖୁର୍ଶିଧାରା ବେଗମ୍ , ମମତା ତପ୍ପୋ, ପୁରାତନ ଛାତ୍ର ସଂସଦର ସଦସ୍ୟ ହରେକୃଷ୍ଣ ମହାପାତ୍ର, ହିମାଂଶୁ ମହାପାତ୍ର, ସୁବାସ ନାଏକ, ମଳୟ ବେହେରା, ତନୟ ମହାପାତ୍ର, ନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ସଂଜୁଶ୍ରୀ ସାହୁ ପରିଚାଳନା କରିଥିଲେ। ଅଧ୍ୟାପିକା ବେଲମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।